# ଅନୁଗୋଳରେ ଅନୁଷ୍ଠିତ ହେଲା ୫ମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ।

ଅନୁଗୋଳ,ତା.୨୨.୬:- ପ୍ରଥମ ଥର ପାଇଁ ଜିଲ୍ଲା ପର୍ଯ୍ୟଟନ ବିଭାଗ ଦ୍ୱାରା ଓ ପତଂଜଳୀ ଯୋଗ ସମିତିର ସହଯୋଗରେ ଗତକାଲି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ୫ମ ଅନ୍ତଃରାଷ୍ଟ୍ରିୟ ଯୋଗ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିବା ସହ ଯୋଗ ଓ ପ୍ରାଣାୟମର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବା ନିମନ୍ତେ ସମସ୍ତେ ଯୋଗ ଓ ପ୍ରାଣାୟମକୁ ଆପଣେଇ ନେବାକୁ ପରାମର୍ଶ ଦେଇଥିଲେ । ନିଜ ନିଜ ଦାୟିତ୍ୱକୁ ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ ଏହି ଯୋଗ ଓ ପ୍ରାଣାୟମ ଦ୍ୱାରା ମାନସିକ ସ୍ଥିରତା ବଜାୟ ରଖିବାକୁ ଉପସ୍ଥିତ ସରକାରୀ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପତଂଜଳୀ ଯୋଗ ସମିତିର ଜିଲ୍ଲା ପ୍ରଭାରୀ ଶ୍ରୀ ଅଭୟ କୁମାର ରାୟ ଯୋଗ ଓ ପ୍ରାଣାୟମର ଉପଦେୟତା ଓ ଦୈନନ୍ଦିନ ଜୀବରେ ଏହାର ପ୍ରୟୋଗର ବିଭିନ୍ନ ମାର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏହାଛଡା ସ୍ୱାସ୍ଥ୍ୟର ଯତ୍ନ ନିମନ୍ତେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ଯୋଗ ଦେଇ ଦୈନନ୍ଦିନ ଜୀବନରେ ଯୋଗ ଓ ପ୍ରାଣାୟମର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିସ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କାର୍ଯ୍ୟାଳୟ,ଉପଜିଲ୍ଲାପାଳଂକ କାର୍ଯ୍ୟାଳୟ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀ ଓ ପତଂଜଳୀ ଯୋଗ ସମିତିର ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ ।


୪ମ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ
ଆୟୋଜକ- ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ, ଅନୁଗୋଳ
REDMI NOTE 5 PRO
MI DUAL CAMERA


୪ମ ଆନ୍ତଃରାଷ୍ଟ୍ରୀୟ ଯୋଗ ଦିବସ